# ପ୍ରଥମ ଅଧ୍ୟାୟ

## ହାତୀଗୁମ୍ଫା ଶିଳାଲେଖ

ଭୁବନେଶ୍ୱରର ନିକଟବର୍ତ୍ତୀ ଉଦୟଗିରିରେ ଥିବା ଭାରତ ବିଖ୍ୟାତ ହାତୀଗୁମ୍ଫା ଶିଳାଲେଖ ବହୁଯୁଗ ପର୍ଯ୍ୟନ୍ତ ମୂକ ଓ ପ୍ରାଣହୀନ ଅବସ୍ଥାରେ ରହିଥିଲା । ଦୁଇହଜାର ବର୍ଷ ପୂର୍ବର କଳିଙ୍ଗର ଗୌରବମୟ ଇତିହାସ ଉତ୍କଳୀୟମାନଙ୍କ ପ୍ରାଣରେ ସ୍ପନ୍ଦନ ଆଣୁନଥିଲା । କଳିଙ୍ଗାଧିପତି ଭାରତବିଜୟୀ ଖାରବେଳଙ୍କ ବିରାଟ ପ୍ରଶସ୍ତି କୌଣସି ଐତିହାସିକଙ୍କର ଦୃଷ୍ଟି ଆକର୍ଷଣ କରୁନଥିଲା, କିନ୍ତୁ ଗତ ଶତାବ୍ଦୀର ପ୍ରଥମ ପାଦରେ ତାହାର ଦୁର୍ଦ୍ଦଶା ରଜନୀର ଅବସାନ ହେଲା, ଖାରବେଳଙ୍କ ରାଜତ୍ୱର ବିଭବମୟ ଇତିହାସ ଜଗତ୍ ସମ୍ମୁଖରେ ପ୍ରଚାର କରିବା ପାଇଁ ପ୍ରଥମେ ପ୍ରାତଃସ୍ମରଣୀୟ ଷ୍ଟାଲିଙ୍ଗ୍ ବ୍ରତୀ ହୋଇଥିଲେ । ସେ ଏହି ବୃହତ୍ ଶିଳାଲେଖର ଗୋଟିଏ ହସ୍ତଲିପି ୧୮୨୭ ମସିହାର ଏସିଆଟିକ୍ ସୋସାଇଟି ପତ୍ରିକାରେ ପ୍ରକାଶ କରିଥିଲେ । ସେହିଦିନୁ ଏହା ଭାରତର ପ୍ରବୀଣ ପତ୍ନତତ୍ୱନ୍ୱେଷୀମାନଙ୍କର ଦୃଷ୍ଟି ଆକର୍ଷ କରିଅଛି । ସ୍ୱର୍ଗୀୟ ଷ୍ଟାର୍ଲିଙ୍ଗ୍‌ଙ୍କ ପରେ ଜେମ୍ସ ପ୍ରିନ୍‌ସେସ୍, ଜେନେରାଲ କନିଙ୍ଗହାମ୍ ଓ ରାଜେନ୍ଦ୍ରଲାଲ ମିତ୍ର ପ୍ରମୁଖ ବିଖ୍ୟାତ ଐତିହାସିକମାନେ ଏହି ଲିପି ପାଠ କରିବାକୁ ବହୁଚେଷ୍ଟା କରିଥିଲେ । କିନ୍ତୁ ଦୁଃଖର ବିଷୟ, ଏମାନେ ଖାରବେଳଙ୍କ ନାମ ପର୍ଯ୍ୟନ୍ତ ପଢ଼ିବାକୁ ସମର୍ଥ ହୋଇ ନଥିଲେ । ସ୍ୱର୍ଗୀୟ ପଣ୍ଡିତ ଭଗବାନ୍‌ଲାଲ ଇନ୍ଦ୍ରଜୀ ପ୍ରଥମେ ଲେଖ ପ୍ରାୟ ଶୁଧ୍ ଭାବରେ ପାଠ କରି ଏହାର ବିଶଦ ଆଲୋଚନ କରିବାକୁ ସମର୍ଥ ହୋଇଥିଲେ । ତାଙ୍କର ପ୍ରଗାଢ଼ ପରିଶ୍ରମ ଓ ଏକାନ୍ତ ଅଧବସାୟ ଯୋଗୁଁ ଏହି ଲେଖର ଅଧିକାଂଶ ସର୍ବଜନବୋଧ ହୋଇପାରିଥଲା । ସେ ଏ ବିଷୟରେ ୧୯୦୭ ମସିହାରେ ଗୋଟିଏ ସୁଚିନ୍ତିତ ଗବେଷଣାପୂର୍ଣ୍ଣ ପ୍ରବନ୍ଧ 'ଆନ୍ତର୍ଜାତିକ ପ୍ରାଚ୍ୟ ଇତିହାସ ପରିଷଦ'ରେ ପାଠ କରିଥିଲେ ମଧ ଏହି ଲେଖର କେତେକାଂଶ ଦୁର୍ବୋଧ ହୋଇ ରହିଥିଲା । ତତ୍‌ପରେ ୧୯୧୭ ମସିହାରେ ଭାରତର ବିଖ୍ୟାତ ଐତିହାସକ ସ୍ୱର୍ଗତଃ କାଶୀପ୍ରସାଦ ଜୟସ୍ୱାଲ ବହୁବର୍ଷବ୍ୟାପୀ ସାଧନା ଫଳରେ ଏହି ଲେଖର ସମସ୍ତ ଅଂଶ ସୁସ୍ପଷ୍ଟ ଭାବରେ 'ବିହାର ଓଡ଼ିଶା ପ୍ରତ୍ନତତ୍ୱ ପତ୍ରିକା'ରେ ପ୍ରକାଶ କରିଥିଲେ । ତାଙ୍କର ଇତିହାସ ଲୋକସମାଜରେ ପ୍ରଚାରିତ ହେଲା । କଳିଙ୍ଗ ସମ୍ରାଟ୍ ଭାରତବିଜୟୀ ଖାରବେଳଙ୍କ ଲୁପ୍ତ ଗୌରବଗାଥାର ପୁନରୁଧ୍ୟାର କରି ସେ ଓଡ଼ିଆଜାତିର କୃତଜ୍ଞତାଭାଜନ ହୋଇଅଛନ୍ତି । ତାଙ୍କ ଉଦ୍ୟମରୁ ଆଜି ଉତ୍କଳବାସୀ ଖାରବେଳଙ୍କୁ ଚିହ୍ନିବାକୁ ସମର୍ଥ ହୋଇଛନ୍ତି । ଇଂରେଜୀରେ 'ଓଡ଼ିଶାର ଇତିହାସ' ପ୍ରଣୋତା ସ୍ୱର୍ଗତଃ ରାଖାଲଦାସ ବାନାର୍ଜୀ ମହାଶୟ ଜୟସ୍ୱାଲଙ୍କ ପାଠକୁ ଗ୍ରହଣ କରିଥିଲେ । କିନ୍ତୁ ସ୍ୱର୍ଗତଃ ଅଧାପକ ବିଜୟଚନ୍ଦ୍ର ମଜୁମଦାର, ସ୍ୱତଃ ରାମାପ୍ରସାଦ ଚନ୍ଦ୍ର ଓ କଲିକତା ବିଶ୍ୱବିଦ୍ୟାଳୟର ସାଲିଅଧାପକ ସ୍ୱର୍ଗତଃ ବେନିମାଧ୍ ବରୁଆ ପ୍ରଭୃତି ବହୁ ଅକାଟ୍ୟ ଯୁକ୍ତି ସାହାଯ୍ୟରେ ଜୟସ୍ୱାଲଙ୍କ ପାଠରେ କେତେକ ଭ୍ରମପ୍ରମାଦ ପ୍ରଦର୍ଶନ କରିଥିଲେ । ବରୁଆ ମହାଶୟ ପା□ ବର୍ଷକାଳ ପ୍ରଗାଢ଼ ପରିଶ୍ରମ କରି ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ ଥିବା ବ୍ରାହ୍ମୀଲେଖ ସକଳ ଗୋଟିଏ ଗ୍ରନ୍ଥରେ ପ୍ରକାଶ କରିଥିଲେ । ସ୍ୱର୍ଗତଃ ରାଖାଲଦାସ ହାତୀଗୁମ୍ଫା ଓ ଅନ୍ୟାନ୍ୟ ଗୁମ୍ଫାମାନଙ୍କରେ ଥିବା ଲେଖ ସକଳ ପାଠ କରି ତ୍ରୟୋଦଶ ଭାଗରେ ପ୍ରକାଶ କରିଥିଲେ । କିନ୍ତୁ ଏମାନଙ୍କ ମଧରେ କୌଣସି ସମ୍ପର୍କ ଥିବାର ପ୍ରମାଣ କରିନଥିଲେ । ବରୁଆ ମହାଶୟ ସେମାନଙ୍କ ମଧରେ ସମ୍ପର୍କ ଥିବାରୁ ପ୍ରମାଣ କରିଛନ୍ତି ଓ ପ୍ରଶସ୍ତିର ଅନେକ ଦୁର୍ବୋଧ ଅଂଶ ସୁସ୍ପଷ୍ଟ କରିଛନ୍ତି । ଏଗୁଡ଼ିକ କଳିଙ୍ଗର ପ୍ରାୟ ଅର୍ଦ୍ଧଶତାବ୍ଦୀର ଇତିହାସ । ଦୁଃଖର ବିଷୟ, କୌଣସିଟିରେ ରଚୟିତାର ନାମ ନାହିଁ । କେଉଁ ଅଜ୍ଞାତ କାଳିଦାସ, ହରିସେନ ବା ବାଣଭଟ୍ଟଙ୍କ ତୁଲ୍ୟ କବି ଖାରବେଳଙ୍କ ସଭାମଣ୍ଡନ କରୁଥିଲେ ତାହା ଜାଣିବା କଷ୍ଟସାଧ । ଏହାର ଭାଷା ଓ ସୁନ୍ଦର । ପାଲିରେ ଲିଖିତ ବିଖ୍ୟାତ 'ମିଳିନ୍ଦ ପାହ୍ନ'ର ଭାଷା ସହିତ ଏହାର

ସାମଞ୍ଜସ୍ୟ ଥବବାର ସେ ପ୍ରମାଣିତ କରିଛନ୍ତି । ବରୁଆ ମହାଶୟ ନିମ୍ନୋକ୍ତ କେତେକ ବିଷୟରେ ଜୟସ୍ୱାଲଙ୍କଠାରୁ ପୃଥକ୍ ମତ ଦେଇଛନ୍ତି ।

ବରୁଆଙ୍କ ସମସ୍ତ ମତ ଗ୍ରାହ୍ୟ ନହେଲେ ମଧ ଐତିହାସିକ ମାନଙ୍କର ବିଚାର ପାଇଁ ତାଙ୍କର ପୃଥକ୍ ମତମାନ ଏଠାରେ ଦିଆଯାଇଛି (୧) ହାତୀଗୁମ୍ଫା ଲେଖର ନନ୍ଦାବ୍ଦର କୌଣସି ସୂଚନା ନାହିଁ (୨) 'ଗୋରଥଗିରି' ଜଣେ ଲୋକର ନାମ ବୋଲି ସେ ସ୍ଥିର କରିଛନ୍ତି (୩) ଏଥିରେ ଋଷିଖିବୀରଙ୍କ ସମ୍ବନ୍ଧରେ କୌଣସି କିମ୍ବଦନ୍ତୀ ନାହିଁ । (୪) ଏଥବରେ 'ଯବନରାଜ' ଦିମିତ ବା ଡ଼େମିଟ୍ରିଅସ୍‌କଙ୍କ ମଥୁରା ପରିତ୍ୟାଗ ସମ୍ବନ୍ଧରେ କୌଣସି ସୂଚନା ନାହିଁ । (୫) ଏଥିରେ କଳିଙ୍ଗ ଲୋକସଂଖ୍ୟା ଆଦୌ ବର୍ଣ୍ଣିତ ହୋଇନାହିଁ । (୬) ପିଥୁଡ଼ ବା ପିଥୁଣ୍ଡ ନଗର ଗଧଯୋଚା ହୋଇଥିବା ହଳରେ ଚାଷ ହୋଇଥିବାର କୌଣସି ବର୍ଣ୍ଣନା ନାହିଁ । (୭) ତାମିଲ ରାଜ୍ୟସଂଘ ସମ୍ବନ୍ଧରେ ଏଥିରୁ କୌରସି ପ୍ରମାଣ ମିଳେ ନାହିଁ । (୮) ଏଥିରେ ମୌର୍ଯ୍ୟାବ୍ଦ ଓ ଖାରବେଳଙ୍କ ରାଜତ୍ୱରେ ଜୈନଧର୍ମ ଗ୍ରନ୍ଥମାନଙ୍କର ପ୍ରଧାନ ବିଭାଗ ବିଷୟରେ କୌଣସି ଉଲ୍ଲେଖ ନାହିଁ । ଦ୍ୱିତୀୟ ମତ ବ୍ୟତୀତ ତାଙ୍କର ଅନ୍ୟାନ୍ୟ ମତମାନ ବିଶେଷ ବିଶ୍ୱାସ ଯୋଗ୍ୟ ଥିବାରୁ ମୁଁ ସାମାନ୍ୟ ପରିବର୍ତ୍ତନ ସହ ଗ୍ରହଣ କରିଅଛି ।

ହାତୀଗୁମ୍ଫା ଉଦୟଗିରିର ଗୋଟିଏ 'ବିଶାଳ ଗରିଗହ୍ୱର' । ଏହାର ଉପର ପାଖରେ ୧୭ ଧାଡ଼ି ବିଶିଷ୍ଟ ବ୍ରାହ୍ମୀ ଲେଖଟିରେ ଖାରବେଳ ପ୍ରଶସ୍ତି ବର୍ଣ୍ଣିତ ହୋଇଅଛି । ଏତଦ୍‌ବ୍ୟତୀତ୍ ଏହି ଗୁମ୍ଫାରେ ଥିବା ଆହୁରି ଅନେକ କ୍ଷୁଦ୍ର କ୍ଷୁଦ୍ର ଲେଖ ଅଦ୍ୟାବଧି ପଠିତ ବା ଆଲୋଚିତ ହୋଇନାହିଁ । ଅନେକ ଶିକ୍ଷିତ ଲୋକଙ୍କର ଧାରଣା ଯେ, ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାସକଳ ବୌଧ୍ ସନ୍ନ୍ୟାସୀମାନଙ୍କ ନିମିତ୍ ଖୋଦିତ ହୋଇଥିଲା । କିନ୍ତୁ ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ଖାରବେଳ ଜୈନଧର୍ମାବଲମ୍ବୀ ଥିଲେ ଓ ତାଙ୍କ ସମୟରେ ଖୋଦିତ ଗୁମ୍ଫାସକଳ ଜୈନ ମୁନିଋଷିମାନଙ୍କ ବ୍ୟବହାର ପାଇଁ ଖୋଦିତ ହୋଇଥିଲା । ଏହି ଲେଖଟି ସମଗ୍ର ଭାରତରେ ଗୋଟିଏ ପ୍ରଧାନ ଜୈନଲେଖ । ଏହି ଲେଖର ଦକ୍ଷିଣଭାଗରେ 'ବଧ୍ ମଙ୍ଗଳ' 'ବୃକ୍ଷଚୈତ୍ୟ' ଓ ବାମଭାଗରେ 'ସ୍ୱସ୍ତିକ' ଓ 'ନନ୍ଦୀପଦ' ପ୍ରଭୃତି ଜୈନ ସଂକେତମାନ ଶିଳା ଦେହରେ ଖୋଦିତ ହୋଇଅଛି । ଉତ୍କଳୀୟ ଐତିହାସିକ ଓ ଶିକ୍ଷିତ ଜନସାଧାରଣଙ୍କ ପ୍ରତ୍ନତତ୍ୱ ଗବେଷଣା ଓ ଆଲୋଚନା ନିମିତ୍ ଉକ୍ତ ଶିଳାଲେଖର ମୂଳ, ସଂସ୍କୃତାନୁବାଦ ଓ ଓଡ଼ିଆ ଅନୁବାଦ ନିମ୍ନରେ ପ୍ରଦତ୍ ହେଲା ।

## ହାତୀଗୁମ୍ଫା ଶିଳାଲେଖ (ବରୁଆଙ୍କ ପାଠ)

## ମୂଳ

ପ୍ରଥମଧାଡ଼ି - ନମୋ ହରହଂତାନଂ, ନମୋ ସବସିଧାନଂ, ଏରେନ ମହରାଜେନ ମହାଘେବାହନେନ ଚେତରାବଂଶବିଧ ନେନ ପସଥ-ଶୁଭ-ଲଖନେନ, ଚତୁରଂତ-ରଖଣ-ଗୁଣ-ଉପତେନ, କଳିଂଗାଧିପତିନା, ସିରି ଖାର-ବେତନ ।

ଦ୍ୱିତୀୟ ଧାଡ଼ି - ପଂଦରସ ବସାନି ସିରି-କଡ଼ାର-ଶରୀରବତା କୀଡ଼ିତା କୁମାର-କୀଡ଼ିକା । ତତୋ ଲେଖ-ରୂପ-ଗଣନା-ବ୍ୟବହାର-ବିଧି ବିସାରଦେନ ସବ-ଜିନାବଦାତେନ ନବବସାନି ଯୋବରଜଂବ ସାସିତଂ । ସଂପୁଣ-ଚତୁବିସତି ବସୋ ସୋଦାନି ବଧମାନ-ସେସ-ଯୋବାନଃଭିଜୟୋ ତତିୟେ ।

ତୃତୀୟଧାଡ଼ି - କଳିଂଗ ରାଜବଂଶେ ପୁରିସୟୁଗେ ମହାରାଜାଭିସେଚନଂ ପାପୁନାତି । ଅଭିସିତୋମତୋ ଚ ପଧମେ ବସେ ବାତ-ବିହତ-ଗୋପୁର-ପାକାର-ନିବେସନଂ ପଟିସଂଖାରୟତି କଳିଂଗ ନଗରି । ଗଭୀର-

ସୀତଳ-ତଡ଼ାଗ-ପାଡ଼େୟୋ ଚ ବଂଧାପୟତି । ସୁବୟାନ ପଟି ସଂଠାପନଂ ।

ଚତୁର୍ଥ ଧାଡ଼ି - ଚ କାରୟତି ପନତୀସାହି ସର-ସହ-ସେହି । ପକତିୟୋ ଚ ରଂଜୟତି । ତୁଦୀୟେ ଚ ବସେ ଅଚିତୟିତା ସାତକର୍ଣି ପଛିମଦିସଂ ହୟ-ଗଜ-ନର-ଗଧ ବହୁଳଂ ଦଂଡ଼ଂ ପଠାପୟତି । ଭଲିଂଗାଗତୟା ଚ ସେନାୟ ରିତାସେତି ଅସକ ନଗରଂ (ଅସିକ ନଗରମିତି ବା) । ତତିୟେ ପୁନ ବସେ ।

୫ମ ଧାଡ଼ି - ଗଂଧବ-ବେଦ-ବୁଧୋ ଦଂସ-ନତ-ଗୀତ-ବାଦିତ-ସଂଦସନାହି ଉତ୍ସବ-ସମାଜ-କରାପନାହି ଚକ କୀଡ଼ାପୟତି ନଗରିଂ । ତଥା ଚ ବୁଥେ ବସେ ବିଜାଧରାଧିବାସଂ ଅରହତପୁର କଳିଂଗ-ପୁବରାଜାନଂ ଧମେନ ବି ନିତିନା ବା ପସାସୟତି ସବତ ଧମକୂଟେନ । ଭୀତ-ତସିତେ ଚ ଲିଖିତ ଛତ-ଭିଂଗାରେ ।

ଷଷ୍ଠ ଧାଡ଼ି - ହିତରତନ ସାସତେୟେ ସବ ରଠିକେଭୋଜକେ ପାଦେ ବଂଦାପୟତି । ଫଂଚମେ ବ ଦାନି ବସେ ନନ୍ଦରାଜ ତିବସସତ-ଓଘାଟିଂତ ତଉସୁଲିୟବାଟା ପନାଡ଼ିଂ ନଗରଂ ପବେସୟତି ସତସହସେହି ଚ ଖନାପୟତି । ଅଭିସିତୋ ଚ ଛଟେ ବସେ ରାଜସିରିଂ ସଂଦଂସୟଂତୋ ।

ସପ୍ତମ ଧାଡ଼ି - ସବ-କର-ପଣ-ଅନୁପଣ-ଅନେକାନି ସତସହସାନି ବିସିଜିତେ ପୋଜାନପଦଂ । ସତମେ ଚ ବସେ ଅସି-ଛତ-ଧଜ-ରସ-ରଖି-ତୁରଂଗ-ସତ-ଘଟାନି ସବତ ସଂଦଂସନଂ ସବମଂଗଳାନି କାରୟତି ସତ-ସହସେହ । ଅଠମେ ଚ ବସେ ମହତି ସେନାୟ ମଧୁରାଂ ଅନୁସତୋ ଗୋରଧଗିରିଂ ।

ଅଷ୍ଟମ ଧାଡ଼ି -ଘତପୟିତା ରାଜଗହ୍ୱାଂ ପପୀଡ଼ାପୟତି । ଏତିନଂ ଚ କଂମ ପ୍ରଦାନ-ପନାଦେବ-ସଂଭୀତ-ସେନ-ବାହନେ ବିପମୁଂଚିତୁଂ ମଧୁରଂ ଅପଯାତୋ ଯେବ ନରିଦୋ ସବଘରବାସିନଂ ଚ ସବ ଗହପତିନଂ ଚ ପାନଭୋଜନଂ ଦଦାତି । କଳିଂଗଂଯାତି ପଲ୍ଲବଭାର -

ନବମ ଧାଡ଼ି - କସରୂଖ-ହୟ-ଗଜ-ନର-ରଥ ସହ ଯାତି । ସବ-ଘରବାସିନଂ ଚ ସବ-ରାଜଭତକାନଂ ଚ ସବ ଗହପତିକାନଂ (ନିଗଂଆନଂ) ସମଣାନଂ ଚ.... ଦଦାତି ସତସହସେହି । ନବମେ ଚ ବସେ -

ଦଶମ ଧାଡ଼ି -ବେଡୁରିୟ କଳିଂଗ ରାଜନିବାସଂ ମହା ବିଜୟପାସାଦଂ କାରୟତି ଅଠତିସାୟ ସତ-ସହସେହି । ଦଶମେ ଚ ବସେ କଳିଂଗରାଜବଂସାନଂ ତତିୟ-ଯୁଗ-ସଗାବସାନେ କଳିଂଗଯୁବରାଜାଂ ଯସସକାରଂ କାରାପୟତି ସତସହସେହି । ଏକାଦଶମେ ଚ ବସେ... ମଣି-ରତନାନି ସହ ଯାତି ।

ଏକାଦଶ ଧାଡ଼ି - କଳିଗ ଯୁବରାଜ-ନିବେସିତ ପିଥୁଦଗ-ଦଭ-ନଗଲିନେ କାଢ଼ୟତି ଜାନପଦ ଭାବନଂ ଚ ତେରସ ବସ-ସତ - କଟଂ ଭିଦତି ତିମିର-ଦହ-ସଂଘାତଂ । ବାରସମେ ଚ ବସେ ସତ-ସହସେହି ଚିତାସୟତି ଉତରାପଧ ରାଜାନୋ ।

ଦ୍ୱାଦଶ ଧାଡ଼ି - ମାଗଧାନଂ ଚ ବିପୁଳଂ ଭଂ ଜନୟତୋ ହଥୀସଂ ଗଂଗାୟ ପାୟୟତି । ମାଗଧାନଂ ଚ ରାଜାନଂ ବହସତିମିତଂ ପାଦେ ବଂଦାପୟତି । ନଂଦ-ରାଜ-ନୀତଂ କାଳିଂଗ-ଜୀନସନଂ ଅଂଗମଗଧତୋ କଳିଂଗ ଅନେତି ହୟ-ଗଜ-ସେନା-ବାହନ-ସତସେହି । ଅଂଗ ମଗଧବାସିନଂ ଚ ପାଦେ ବଂଦାପୟତି ।

ତ୍ରୟୋଦଶ ଧାଡ଼ି - ବୀରଥି ଚତର ପଳିଘାନି ଗୋପୁରାନି ସିହରାନି ନଛବସୟତି । ସତ-ବାସୁକୀ ରତନଂ ପେଷୟଂତି । ଅଭୂତଂ ଅଛୟିବଂ ହଥୀସ ପସବଂ ପରିହରଂତି । ମିଗ-ହିୟ-ହଥୀ ଉପନାମୟଂତି । ଫଡ଼ରାଜା

ବିବିଦଭରଣାନି ମୁତା-ମଣି-ରତନାନି ଆହରାପୟତି ଇଦ ସତ ସହସାନି ।

ଚତୁର୍ଦ୍ଦଶ ଧାଡ଼ି - ସିନୋ ବସୀକରୋତି ।ତେରସମେ ଚ ବସେ ସୁପବତ-ବିଜୟ ଚକେ କୁମାରୀ ପବତେ ଅରହତୋ ପରିନିବସତୋ ହି କାୟନିସୀୟଦୀୟାୟ ରାଜଭତକେହି, ରଛଭାତିହି, ରାଜପୁତେହି, ରାମହିସିହ ଖାରବେଳ ଖାରବେଳ ସିରିନା ।

୧୫ଦଶ ଧାଡ଼ି - ସତ-ଦଶ-ଲେଣ-ସତଂ କାରାପିତଂ ।ସକତ-ସମଣ ସୁବିହିତାନଂ ଚ ସତ-ଦିସାନଂ ଯତିନଂ ତାପସ-ଇସିନଂ ଲେଣଂ କାରୟତି । ଅରହତ-ନିସୀଦୀୟ-ସମୀପେ ପଭାରେ ଚ ବରାକର-ସମୁଥାପିହି ଅନେକଯୋନାହିତତାହି ପନତୀସାହି-ସତ-ସହସାହି ସିଳାହି ସିଳଥଂଭାନି ଚ ଚେତୟାନି ଚ କାରାପୟତି ।

ଷୋଡ଼ଶ ଧାଡ଼ି - ପଟଳିକ ଚତରେ ଚ ବେଢ଼ିରିୟ-ଗଭେ ଥଂଭେ ପତିଠାପୟତି ସନତରିୟ-ସତ-ସହସେହି ।ବେଡ଼ରିଅ ନୀଳ-ବୋଛିଂନଂ ଚେଚ-ଯଠି-ଅଧସତିକଂ ତିରିୟଂ ଉପାଦୟତି ।ଝେମରାଜା ସ ବଧରାଜା ସ, ଇଂରାଜା ସ, ଧମରାଜା ପସଂତୋ ସୁନଂତୋ ଅନୁଭର୍ବତୋ କଲଣାନି ।

ସପ୍ତଦଶ ଧାଡ଼ି - ଗୁଣବିଶେଷ-କୁଳସ ସବ-ପାସଂଡ଼-ପୁଜକୋ ସବ-ଦେବାୟତନ-ସଂକାର-କାରକୋ ଅସତିହତ-କେ-ବାହନ-ରଳୋ ଚକଧରୋ ରୁତ-ରକୋ ଯବତ-ଚକୋ ରାଜିସି-ବଂସ-କୁଳ ବିନିସିତୋ ମହାବିଜୟୋ ରାଜ ଖାରବେଳ ସିରି ।

- ସଂସ୍କୃତାନୁବାଦଃ -

ନମୋଽର୍ହତଭ୍ୟଃ । ନମଃ ସର୍ବସିଧେ୍ଭ୍ୟଃ । ଆର୍ଯ୍ୟେଣ ମହାରାଜେନ ମହାମେଘବାହନେ ଚେତ-ରାଜବଂଶବର୍ଧନେନ ପ୍ରଶସ୍ତ-ଶୁଭ-ଲକ୍ଷଣେନ ଚତୁରନ୍ତ-ରକ୍ଷଣ ଗୁଣୋପେତେନ କଳିଙ୍ଗା-ଧୁସତିନା ଶ୍ରୀ ଖାରବେଳେନ ୧୫ଦଶବର୍ଷାଣି ଶ୍ରୀ କଡ଼ାର-ଶରୀର-ବ୍ରତା କ୍ରୀଡ଼ିତାଃ କୁମାରକ୍ରୀଡ଼ାଃ ।ତତୋ ଲେଖ-ରୂ-ଗଣନା-ବ୍ୟବହାର-ବିଧ-ବିଶାରଦେନ ସର୍ବ-ବିଦ୍ୟାବଦାଦେନ ନବବର୍ଷାଣି ଯୌବରାଜ୍ୟମେବ ଶାସିତମ୍ । ସମ୍ପୂର୍ଣ୍ଣ-ଚତୁର୍ବଂଶତିବର୍ଷ ସଇଦାନୀ ବର୍ଧମାନ ଶେଷ ଯୌବନାଭିବଜୟ ସ୍ତୁତୀୟେ କଳିଙ୍ଗ ରାଜବଂଶେ ପୁରୁଷ ଯୁଗେ ମହାରାଜାଭିଷେଚନଂ ପ୍ରପ୍ନୋତି ।ଅଭିଷିକ୍ତ ମାତଶ୍ଚ ପ୍ରଥମେ ବର୍ଷେ ଗାତ-ବିହତ-ଗୋପୁର-ପ୍ରକାର ନିବେଶନଂ ପ୍ରତିସଂସ୍କାରୟତି କଳିଙ୍ଗନଗରେ, ଗଭୀର-ଶୀତଳ ତଡ଼ାଗ ପାଳୀଶ୍ଚ ବନ୍ଧୟତୀ, ସର୍ବୋଧ୍ୟାନ ପ୍ରତସଂସ୍ଥାପନ□ କାରୟତି ୫ତ୍ରିଂ ଶତସହସ୍ରୈଃ ।ପ୍ରକୃତିଶ୍ଚ ରଞ୍ଜୟତି ।

ଦ୍ୱିତୀୟେ ଚ ବର୍ଷେ ଅଚିନ୍ତୟିତ୍ୱା ଶାତକର୍ଣ୍ଣି ପଶ୍ଚିମାଂଦିଶଂ ହୟ-ଗଜ-ନର-ରଥ-ବହୁଳଂ ଦଣ୍ଡ ପ୍ରସ୍ଥାପୟତି । କଳିଙ୍ଗାଗତୟା ତ ସେନୟା ବିତ୍ରାସୟତି ଅଶ୍ମକ-ନଗରଂ (ଋଷିକ-ନଗରମିତିବା) ।ତୃତୀୟେ ପୁନର୍ବର୍ଷେ ଗନ୍ଧର୍ବ ବେଦବୁଧଃ ଦର୍ପ-ନୃତ୍ୟ-ଗୀତ-ବାଡିତ୍ର-ସନ୍ଦର୍ଶନୈ ରୁତ୍ସବ ସମାଜ-କାରଣାଭିଶ୍ଚ କ୍ରୀଡ଼ାୟତି ନଗରୀଂ ।

ତଥା ଚତୁର୍ଥେ ବର୍ଷେ ବିଦ୍ୟାଧରାଦିବାସଂ ଅର୍ହତପୁରଂ କଳିଙ୍ଗ ପୂର୍ବରାଜାନଂ ଧର୍ମେଣ ବୈ ନୀତ୍ୟା ବୈପ୍ରଶାସୟତି ସର୍ବତ୍ର ଧର୍ମକୂଟେନ ।ଭୀତତ୍ରସ୍ତାନ୍ ଚ ନିକ୍ଷିପ୍ତ-ଛତ୍ର-ଭୃଙ୍ଗାରାନ ହୃତରତ୍ନ-ସ୍ୱାପତେୟାନ୍ ସର୍ବ-ରାଷ୍ଟ୍ରିକ-ଭୋଜକାନ୍ ପାଦୌ ବନ୍ଦୟତି ।

୫ମେ ଚେଦାନୀ ବର୍ଷେ ନନ୍ଦରାଜେନ ତ୍ରିବର୍ଷ ଶତାତ୍ ପୂର୍ବମୁଦ୍‌ଘାଟିତଂ ଚଉଶୂଳୀୟବର୍ତ୍ମନଃ ପ୍ରଣାଳୀ ନଗରଂ ପ୍ରବେଶୟତି ।ଶତସହସୈଶ୍ଚ ଖାନୟତି ।

ଅଭିଷକ୍ତଶ୍ଚ ଷଷ୍ଠେ ବର୍ଷେ ରାଜଶ୍ରିୟଂ ସନ୍ଦର୍ଶୟନ୍ ସର୍ବକରପଣାଦ୍ୟନେକାନୁଗ୍ରହାନ୍ ଶତ-ସହସ୍ର-ସଂଖକାନ୍ ବିସୃଜତି ପୌରଜାନପଦେ ।

ସପ୍ତମେ ଚ ବର୍ଷେ ଅସି-ଛତ୍ର-ଧ୍ଵଜ-ରଥ-ଋଷି-ତୁରଙ୍ଗ-ଶତ ଘଟାନାଂ ସର୍ବତ୍ର ସନ୍ଦର୍ଶନଂ ସର୍ବମଙ୍ଗଳାନି ଚ କାରୟନତି ଶତ ସହସ୍ରୈଃ । ଅଷ୍ଟମେ ଚ ବର୍ଷେ ମହତ୍ୟା ସେନୟା ମଥୁରା ମନୁ ପ୍ରାପ୍ତଃ ଗୋରଥଗିରିଂ ଘାତୟିତ୍ଵା ରାଜଗୃହକାନ୍ ପ୍ରପୀଡ଼ୟତି । ଏତେଷା□ କର୍ମପ୍ରଦାନ ପ୍ରଣାଦେନ ସମ୍ଭୀତାନ୍ ସେନାବାହନାନ୍ ବିପ୍ରମୋକ୍ତୁଂ ମଥୁରାମପୟାତ ଏବ ନରେନ୍ଦ୍ରଃ ସର୍ବଗୃହବାସିଭ୍ୟଶ୍ଚ ସର୍ବ ଗୃହପତିଭ୍ୟଶ୍ଚ ... ପାନଭୋଜନଂ ଦଦାତି । କଳିଙ୍ଗଂ ୟାତି । ପଲ୍ଲବଭାର କଳ୍ପବୃକ୍ଷ ହୟ-ଗଜ-ନର-ରଥୈଃ ସହ ୟାତି । ସର୍ବଗୃହବାସିଭ୍ୟଶ୍ଚ ସର୍ବରାଭୃତ୍ୟକେଭ୍ୟଶ୍ଚ ସର୍ବଗୃହପତିଭ୍ୟଶ୍ଚ ସର୍ବ-ବ୍ରାହ୍ମଣେଭ୍ୟଶ୍ଚ ପାନଭୋଜନଂ ଦଦାତି । ଅର୍ହ-ତେଭ୍ୟଃ ଶ୍ରମଣେଭ୍ୟଶ୍ଚ ଦଦାତି ଶତସହସ୍ରୈଃ ।

ନବମେ ଚ ବର୍ଷେ ବୈଦୁର୍ୟ୍ୟ କଳିଙ୍ଗ-ରାଜ-ନିବାସଂ ମହାବିଜୟ ପ୍ରାସାଦଂ କାରୟତି ଅଷ୍ଟାତିଂଶତ ଶତସହସ୍ରୈଃ ।

ଦଶମେ ଚ ବର୍ଷେ କଳିଙ୍ଗ ରାଜବଂଶାନାଂ ତୃତୀୟ-ୟୁଗ-ସର୍ବାବସାନେ କଳିଙ୍ଗ ପୁର୍ବରାଜାନାଂ ୟଶଃସତ୍କାରଂ କାରୟତି ଶତସହସ୍ରୈଃ ।

ଏକାଦେଶ ଚ ବର୍ଷ ମଣିରତ୍ନୈଃ ସହ ୟାତି । କଳିଙ୍ଗ ପୂର୍ବରାଜ ନିବେଶିତଂ ପୃତୂଦକଦର୍ଭନଗରେ ନିଂକୋସୟତି ଜୀନପଦଭବନ□ ତ୍ରୟୋଦଶ ବର୍ଷ ଶତ-କୃତଂ ଭିନତି ତିମିରହ୍ରଦ ସଂଖ୍ୟାତଂ ।

ଦ୍ଵାଦଶେ ଚ ବର୍ଷେ ଶତସହସ୍ରୈଃ ବିତ୍ରାସୟତି ଉତ୍ରାପଥ ରାଜାନ୍ । ମାଗଧାନ୍ ଚ ବିପୁଳଂ ଭୟଂ ଜନୟତୋ ହସ୍ତ୍ୟଶ୍ଵଂ ଗଙ୍ଗାୟାଂ ପାୟୟତି । ମାଗଧାନା□ ରାଜାନାଂ ବୃହସ୍ପତି ମିତ୍ର ପାଦୌ ବନ୍ଦୟତି । ନନ୍ଦରାଜ-ନୀତଂ କାଳିଙ୍ଗ-ଜୀନାସନଂ ଅଙ୍ଗମଗଧେଭ୍ୟଃ କଳିଙ୍ଗ ମାନୟତି ହ-ଗଜ-ସେନାବାହନ-ସହସ୍ରୈଃ । ଅଙ୍ଗମଗଧ ବାସିନଃ ପାଦୌ ବନ୍ଦୟତି । ବୀଥ-ଚତ୍ଵର-ପଳିଘାନ୍ ଗୋପୁରାଣି ଶିଖରାଣି ନିବେଶୟତି । ଶତଂ ବାସୁକୟୋ ରତ୍ନଂ ପ୍ରେଷୟୁକ୍ତି । ଅଭୁତାନାଶ୍ଚର୍ୟ୍ୟାନ୍ ହସ୍ତ୍ୟଶ୍ଵସଶୁନ୍ ପରିହାରୟନ୍ତି । ମୃଗ-ହୟ-ହସ୍ତିନଃ ଉପନାମୟନ୍ତି । ପାଣ୍ଡ୍ୟ ରାଜା ବିବିଦାଭଣାନି ମୁକ୍ତା ମଣି ରତ୍ନାନି ଆହାରୟନ୍ତି ଇହ ଶତସହସ୍ର ସଂଖ୍ୟକାନି । ସିନଃ ବଶୀକାରୟତି ।

ତ୍ରୟୋଦଶ ଚ ବର୍ଷେ ସୁପ୍ରବର୍ତ୍ ବିଜୟ ଚକ୍ରେ କୁମାରୀ ସର୍ବତେ ଅର୍ହତଃ ପରିନିବସତୋ ହି କାୟ ନିଷୀଦଂ ରାଜଭୃତୈଃ ରାଜଭ୍ରାତୃଭିଃ ରାଜମହିଷୀଭିଃ ଖାରବେଳେନ ଶ୍ରୀମତୀ ସପ୍ତଦଶ ଲୟନଶତଂ କାରିତମ୍ ।

ସତ୍କୃତ ଶ୍ରମଣେଭ୍ୟଃ ସୁବିହିତେଭ୍ୟଶ୍ଚ ଶତସ୍ୟ ଦିଶାଂୟତିଭ୍ୟଃ ତାପସଷିଭ୍ୟଃ ଲୟନଂ କାରୟତି । ଅର୍ହନ୍ନିଷୀଦ୍ୟାଃ ସମୀପେ ପ୍ରାଗ୍ଭାରେ ବରାକର ସମୁତ୍ଥାପିତାଭିରନେକୟୋଜନା ହିତାଭିଃ ୫ିତ୍ରଂଶଚ୍ଛତସହସ୍ରାଭଃ ଶିଳାଭିଃ ଶିଳସ୍ତମ୍ଭାନ୍ ଚ ଚୈତ୍ୟାନି କାରୟତି । ପାଟଳିତ ଚତ୍ଵରେ ଚ ବୈଦୁର୍ୟ୍ୟ ଗର୍ଭେ ସ୍ତମ୍ଭାନ୍ ପ୍ରତିଷ୍ଠପୟତି ୫ସପ୍ତିଶତସହସ୍ରୈଃ । ବୈଦୁର୍ୟ୍ୟ ନୀଳ ବ୍ୟବଚ୍ଛିନ୍ନଂ ଚୈତ୍ୟୟଷ୍ଟ୍ୟର୍ଧଶତକଂ ତିର୍ୟ୍ୟକ୍ ଉତ୍ପାଦୟତି । କ୍ଷେମରାଜଃ ସ । ବର୍ଦ୍ଧରାଜଃ ସ । ଧର୍ମରାଜଃ ସଶ୍ୟନ୍ ଶୁଣ୍ଵନ୍ନନୁଭବନ୍ କଲ୍ୟାଣାନି । ଗୁଣବିଶେଷ-କୁଶଳଃ ସର୍ବ-ପାଷାଣ୍ଡ-ପୂଜକଃ, ସର୍ବ ଦେବାୟତନ-ସଂସ୍କାର-କାରକଃ, ଅପ୍ରତିହତ-ଚକ୍ର-ରବାହନ-ବଳଃ, ଚକ୍ରଧରଃ, ଗୁପ୍ତଚକ୍ରଃ, ପ୍ରବର୍ତନଚକ୍ରଃ, ରାଜର୍ଷି-ବଂଶ-କୁଳ ବିନିସୃତୋ ମହାବିଜୟୋ ରାଜା ଖାରବେଳ ଶ୍ରୀଃ ।

# ଓଡ଼ିଆ ଅନୁବାଦ

୧ - ଅର୍ହତମାନଙ୍କୁ ନମସ୍କାର (୧) ସକଳ ସିଧ୍‌ମାନଙ୍କୁ ନମସକାର ।ଆର୍ଯ୍ୟ (୨) ମହାରାଜ, ମହାମେଘବାନ (୩) 'ଚେତ' ରାଜବଂଶ ବର୍ଧନ (୪) ପ୍ରଶସ୍ତ ଶୁଭଲକ୍ଷଣ (୫) ଆସମୁଦ୍ରକ୍ଷିତର ଶାସକ ହେବାପାଇଁ (୬) ସକଳ ଗୁଣରେ ଭୂଷିତ, ଲକ୍ଷ୍ମୀଧରଙ୍କ ପରି ରୂପପ୍ରସନ୍ନ, କଳିଙ୍ଗର ରାଜା ଶ୍ରୀ ଖାରବେଳ ୫ଦଶ ବର୍ଷ ପର୍ଯ୍ୟନ୍ତ କୁମାର ରୂପେ କ୍ରୀଡ଼ା କୌତୁହଳରେ କଟାଇଥିଲେ । ତାହା ପରେ ଲେଖ (ଲିଖନ), ରୂପ (ମୁଦ୍ରାତତ୍ତ୍ୱ), ଗଣନା (ଆୟବ୍ୟୟ ସମୀକ୍ଷଣ), ବ୍ୟବହାର (ମକଦ୍ଦମା ବିଚାର), ବିଧି (ରାଜ୍ୟ ଶାସନ ନିୟମମାନ) ପ୍ରଭୃତି ସର୍ବବିଦ୍ୟାରେ ନିପୁଣ ହୋଇ ନଅବର୍ଷକାଳ ଯୁବରାଜରୂପେ ଶାସନ କରିଥିଲେ । ଚତୁବିଂଶତି ବର୍ଷ ଉପଗତ ହୁଅନ୍ତେ, ସେ କଳିଙ୍ଗ ରାଜବଂଶର 'ତୃତୀୟ ପୁରୁଷ ଯୁଗ' (୫ମ ପୁରୁଷ (୮) ମହାରାଜରୂପେ ଅଭିଷିକ୍ତ ହୋଇଥିଲେ ଓ ଜୀବନର ଅବଶିଷ୍ଟାଂଶ ଦିଗ୍‌ବିଜୟ ଓ ଶାସନ କାର୍ଯ୍ୟରେ କଟାଇଥିଲେ ।

୨ - ଅଭିଷିକ୍ତ ହେବାମାତ୍ରେ ସେ ରାଜତ୍ୱର ପ୍ରଥମ ବର୍ଷରେ (କଳିଙ୍ଗର ରାଜଧାନୀ) କଳିଙ୍ଗ ନଗରର ପ୍ରବଳ ବାୟୁପ୍ରବାହ ଦ୍ୱାରା ନଷ୍ଟ ହୋଇଥିବା ଗୋପୁର (୯) ପ୍ରାକାର ଓ ନିବେଶନ (ପ୍ରାସାଦ) ମାନଙ୍କର ସଂସ୍କାର କରିଥିଲେ । ଗଭୀର ଓ ଶୀତଳ ପୋଖରୀ ଓ ପ୍ରଣାଳୀମାନଙ୍କୁ ବନ୍ଧାଇଥିଲେ । ଉଦ୍ୟାନ ଓ ଶୀତଳ ପୋଖରୀ ଓ ପ୍ରଣାଳୀମାନଙ୍କୁ ବନ୍ଧାଇଥିଲେ । ଉଦ୍ୟାନ ସକଳର ପୁନଃ ନିର୍ମାଣ କରିଥିଲେ । ଏଥିରେ ୫ତ୍ରିଂଶଲକ୍ଷ ମୁଦ୍ରା ବ୍ୟୟିତ ହୋଇଥିଲା । ସେ ପ୍ରଜାମାନଙ୍କୁ ରଞ୍ଜନ କରିଥିଲେ ବା ନାନାପ୍ରକାର ସୁଖ ଦେଇଥିଲେ ।

୩ - ରାଜତ୍ୱର ଦ୍ୱିତୀୟ ବର୍ଷରେ ହୟଗଜନରରଥଯୁକ୍ତ ଚତୁରଙ୍ଗବଳ (ଦଣ୍ଡ) ପଶ୍ଚିମଦିଗକୁ ଚଳାଇ ଅତିର୍କିତ ଭାବରେ ସାତକର୍ଣ୍ଣିଙ୍କୁ (ଆନ୍ଧ୍ର ରାଜା) ଆକ୍ରମଣ କରିଥିଲେ । କଳିଙ୍ଗରୁ ପରେ ଆସିଥିବା ସେନାଦ୍ୱାରା ଅସିକ ବା ଅସ୍ମକ ନଗର ଆକ୍ରମଣ କରିଥିଲେ ।

୪ - ରାଜତ୍ୱର ତୃତୀୟ ବର୍ଷରେ ଗନ୍ଧର୍ବବେଦରେ ବିଶାରଦ (ଖାରବେଳ) ଦର୍ପ (ପଶୁଯୁଧ୍‌) ନୃତ୍ୟ, ଗୀତ, ବାଦିତ୍ର, (ବାଇଦ) ଇତ୍ୟାଦି ଦେଖାଇ ଉତ୍ସବ ଓ ସମାଜ ପ୍ରଭୃତି କରାଇ କଳିଙ୍ଗ ନଗରର ଲୋକମାନଙ୍କ ଆନନ୍ଦ ବିଧାନ କରିଥିଲେ ।

୫ - ରାଜତ୍ୱର ଚତୁର୍ଥ ବର୍ଷରେ ବିଦ୍ୟାଧର ବାସସ୍ଥାନ ଅରହତପୁରକୁ କଳିଙ୍ଗର ପୂର୍ବ ରାଜାମାନଙ୍କର ଧର୍ମ, ନୀତି ଓ ଧର୍ମକୂଟ ଦ୍ୱାରା ଶାସନ କରିଥିଲେ । ଯୁଧ୍‌ରେ ଭୀତତ୍ରସ୍ତ ହୋଇଥିବା (ପରାସ୍ତ ହୋଇଥିବା) ରାଷ୍ଟ୍ରିକ ଓ ଭୋଜନମାନଙ୍କ ଛତ୍ର ଓ ଭୃଙ୍ଗାର (ସ୍ୱର୍ଣ୍ଣପାତ୍ର) ସମୂହ ନିକ୍ଷିପ୍ତ ହୋଇଥିଲା ଓ ସେମାନଙ୍କର ସମସ୍ତ ଧନରତ୍ନ ଅପହୃତ ହୋଇଥିଲା । ସେମାନେ ଖାରବେଳଙ୍କ ପାଦବନ୍ଦନା କରିଥିଲେ ।

୬ - ରାଜତ୍ୱର ୫ମ ବର୍ଷରେ 'ନନ୍ଦରାଜା'ଙ୍କ ଦ୍ୱାରା ୩୦୦ ବର୍ଷ ବା ୧୦୩ ବର୍ଷ ପୂର୍ବେ ଖୋଦିତ ହୋଇଥିବା ପ୍ରଣାଳୀକୁ ତଉଶୂଳି ବାଟରେ ନଗର ଭିତରକୁ ଅଣାଇଥିଲେ । ଏଥିରେ ଏକଲକ୍ଷ ମୁଦ୍ରା ବ୍ୟୟିତ ହୋଇଥିଲା ।

୭ - ରାଜତ୍ୱର ଷଷ୍ଠ ବର୍ଷରେ ନିଜର ବିପୁଳ ଐଶ୍ୱର୍ଯ୍ୟ ଦେଖାଇବା ପାଇଁ କର (ଖଜଣା), ପଣ (ମାହାସୁଲ) ପ୍ରଭୃତି ରାଜସ୍ୱ ଛାଡ଼ି ଦେଇଥିଲେ ଏବଂ ନଗର ଓ ଗ୍ରାମର ଲୋକମାନଙ୍କୁ ନାନାପ୍ରକାର ଅନୁଗ୍ରହ ଦେଖାଇଥିଲେ ।

୮ - ସପ୍ତମ ବର୍ଷରେ ସହସ୍ର ସହସ୍ର ମୁଦ୍ରା ବ୍ୟୟ କରି ଆସି, ଛତ୍ର, ଧ୍ୱଜ, ରଥ, ରକ୍ଷୀ, ତୁରଙ୍ଗ, ଘଟ, ପ୍ରଭୃତି ସନ୍ଦର୍ଶନ ଦ୍ୱାରା ସମାଜ ଓ ମଙ୍ଗଳ ବା ବିଜୟ ଉତ୍ସବ ଇତ୍ୟାଦି କରିଥିଲେ ।

୯ - ଅଷ୍ଟମ ବର୍ଷରେ ବିପୁଳ ବାହିନୀ ସଙ୍ଗରେ ନେଇ ମଥୁରା ଯାଇଥିଲେ । ସେଠାରୁ ଯୁଧିଯାତ୍ରା କରି ଗୋରଥଗିରିର ରାଜାଙ୍କୁ ପରାସ୍ତ କରି ମଗଧର ରାଜଧାନୀ ରାଜଗୃହକୁ ଅବରୋଧ କରିଥିଲେ । ଶତ୍ରୁ ସୈନ୍ୟମାନଙ୍କର ପ୍ରତିରୋଧି ଜନିତ କ୍ଲାନ୍ତି ଓ ଅବସାଦ ଦୂର କରିବାପାଇଁ ସେ ନିଜ ସୈନ୍ୟମାନଙ୍କୁ ପୁଣି ମଥୁରା ନେଇ ଯାଇଥିଲେ । ସେଠାରେ ଉପଗତ ହୋଇ ସେ (ଖାରବେଳ) ସମସ୍ତ ଗୃହବାସୀ, ବୃହସ୍ପତି, ବ୍ରାହ୍ମଣ, ଶ୍ରମଣମାନଙ୍କୁ ପାନ ଭୋଜନ ଦ୍ୱାରା ସନ୍ତୁଷ୍ଟ କରିଥିଲେ । ହୟ,ଗଜ, ନର, ରଥ ବେଷ୍ଟିତ, ପଲ୍ଲବଭାର କଳ୍ପବୃକ୍ଷ ସହିତ ସେ କଳିଙ୍ଗକୁ ଫେରି ଆସିଥିଲେ । (ପଲ୍ଲବଭାର କଳ୍ପବୃକ୍ଷଦ୍ୱାରା ତାଙ୍କର ବିଜୟ ସୂଚିତ ହୁଏ ।

ଏଠାରେ ପହ□ ସେ ଶତସହସ୍ର ମୁଦ୍ରାବ୍ୟୟ କରି ଗୃହବାସୀ ରାଜଭୃତ୍ୟ, ଗୃହପତି, ବ୍ରାହ୍ମଣ, ଅର୍ହତ ଓ ଶ୍ରମଣମାନଙ୍କୁ ପାନ ଭୋଜନରେ ସନ୍ତୁଷ୍ଟ କରିଥିଲେ ।

୧୦ - ନବମ ବର୍ଷରେ ଅଷ୍ଟତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟ କରି ସେ ବୈଦୁର୍ଯ୍ୟଖଚିତ 'ମହାବିଜୟ ପ୍ରାସାଦ' ନାମକ କଳିଙ୍ଗ ରାଜନିବାସ ନିର୍ମାଣ କରିଥିଲେ ।

୧୧ - ଦଶମ ବର୍ଷରେ କଳିଙ୍ଗ ରାଜବଂଶର ତୃତୀୟ ଯୁଗରସର୍ଗର ଅବସାନ ହୁଅନ୍ତେ ସେ ବହୁସଂଖ୍ୟକ ମୁଦ୍ରା ବ୍ୟୟ କରି କଳିଙ୍ଗର ପୂର୍ବ ରାଜାମାନଙ୍କର ଯଶଃ ସଂସ୍କାର କରିଥିଲେ ।

୧୨ - ଏକାଦଶ ବର୍ଷରେ ମଣିରତ୍ନ ବିମଣ୍ଡିତ ପଟୁଆରରେ ବହିର୍ଗତ୍ ହୋଇଥିଲେ । କଳିଙ୍ଗର ପୂର୍ବ ରାଜାମାନଙ୍କ ଦ୍ୱାରା ସ୍ଥାପିତ ବହୁ ଉଦକପୂର୍ଣ୍ଣ ଖାତ ଓ ଘନକୁଶାଚ୍ଛାଦିତ ନଗରକୁ ପରିଷ୍କାର କରି 'ଜିନପଦ ଭବନ' ବାହାର କରିଥିଲେ । ଏକଶତ ତେର ବର୍ଷକାଳ ପରିତ୍ୟକ୍ତ ହୋଇଥିବାରୁ ସେଠାରେ ଅନେକ ଦହ ସୃଷ୍ଟି ହୋଇଥିଲା । ସେଗୁଡ଼ିକ ମଧ ପରିଷ୍କାର କରାଇଥିଲେ ।

୧୩ - ଦ୍ୱାଦଶ ବର୍ଷରେ ଅସଂଖ୍ୟ ମୁଦ୍ରା ବ୍ୟୟ (କୌଣସି ଗୋଟିଏ ଅନୁଷ୍ଠାନରେ) କରିଥିଲେ । ଉତ୍ରାପଥ ରାଜାମାନଙ୍କର ଭୟ ଉତ୍ପାଦନ କରିଥିଲେ । ମଗଧବାସୀଙ୍କ ମଧରେ ବିପୁଳ ଭୟଜାତ କରାଇ ହସ୍ତୀ ଓ ଅଶ୍ୱମାନଙ୍କୁ ଗଙ୍ଗାଜଳ ପିଆଇଥିଲେ ଅର୍ଥାତ୍ ମଗଧ ଆକ୍ରମଣ କରି ସୈନ୍ୟମାନଙ୍କୁ ଗଙ୍ଗାକୂଳରେ ରଖାଇଥିଲେ । ମଗଧରାଜ ବୃହସ୍ପତିମିତ୍ରଙ୍କୁ ପରାସ୍ତ କରିଥିଲେ । ବହୁବର୍ଷ ପୂର୍ବେ କଳିଙ୍ଗର ନନ୍ଦରାଜାଙ୍କ ଦ୍ୱାରା ନୀତ 'କଳିଙ୍ଗ ଜୀନାସନ'କୁ ଅଙ୍ଗ ମଗଧଦେଶରୁ ବିଜପୁର ସ୍ମାରକ ସ୍ୱରୂପ ଅସଂଖ୍ୟ ଅଶ୍ୱ-ଗଜ-ରଥାରୋହି ସୈନ୍ୟବାହିନୀଙ୍କ ପଟୁଆର ମଧରେ କଳିଙ୍ଗକୁ ଘେନି ଆସିଥିଲେ । ଅଙ୍ଗ ଓ ମଗଧର ଲୋକମାନଙ୍କୁ ପଦଦଳିତ କରିଥିଲେ । ରାଜ୍ୟରେ ରାସ୍ତା, ଚତ୍ୱର, ପରିଖା, ଗୋପୁର, ଶିଖର ବା ମନ୍ଦିର ପ୍ରଭୃତି ନିର୍ମାଣ କରିଥିଲେ । ଶତ ବାସୁକି ତାଙ୍କ ନିକଟକୁ ମଣି ମୁକ୍ତାଦି ମୂଲ୍ୟମାନ ରତ୍ନ ଏବଂ ଦୁର୍ଲ୍ଲଭ ବିସ୍ମୟୋତ୍ପାଦକ ହସ୍ତୀ, ଅଶ୍ୱ, କୃଷ୍ଣସାର ପ୍ରଭୃତି ନାନାବିଧ ଜନ୍ତୁ ଉପଢ଼ୌକନ ସ୍ୱରୂପ ପଠାଇଥିଲେ । ପାଣ୍ଡ୍ୟରାଜ (କଳିଙ୍ଗ ନଗରର) ସୌନ୍ଦର୍ଯ୍ୟ ବୃଧି ନିମିତ୍ ନାନାବିଧ ଆଭରଣ ମଣି ମୁକ୍ତାଦି ରତ୍ନମାନ ଉପହାର ଦେଇଥିଲେ । ଅନେକ.... ଦମନ କରିଥିଲେ ।

୧୪ - ରାଜତ୍ୱର ତ୍ରୟୋଦଶ ବର୍ଷରେ ସୁପ୍ରବର୍ତ୍ ବିଜୟ ଚକ୍ର ବା ବିଜୟ ରାଜ୍ୟରେ ଅବସ୍ଥିତି କୁମାରୀ ପର୍ବତ ବା ଉଦୟଗିରିରେ ଖାରବେଳ ଓ ତାଙ୍କର ମହିଷୀ, ପୁତ୍ର, ଭ୍ରାତା,ବନ୍ଧୁ ଓ ରାଜଭୃତ୍ୟମାନ ଅର୍ହତ ବା ଜୈନ ଶ୍ରମଣଙ୍କର ନିବାସ ନିମିତ୍ ୧୧୧୭ଟି ଗୁମ୍ଫା ଖୋଳାଇଥିଲେ ।

୧୫ - ଚତୁର୍ଦ୍ଦଶ ବର୍ଷରେ ରାଜା ଖାରବେଳ ଲବ୍ଧପ୍ରତିଷ୍ଠା ଶ୍ରମଣ ଓ ଶତଦିଗାଗତ ବ୍ରାହ୍ମଣ୍ୟଧର୍ମାବଲମ୍ବୀ ଯତି, ତାପସ ଓ ଋଷିମାନଙ୍କ ନିମିତ୍ ଗୋଟି, ବିଶାଳ ଗୁମ୍ଫା ଖୋଳାଇଥିଲେ । ଏହି ଗୁମ୍ଫାଟି ପାହାଡ଼ର କ୍ରମନିମ୍ନ

ପ୍ରଦେଶରେ ଅର୍ହତମାନଙ୍କ ବାସସ୍ଥାନ ବା ସମାଧିସ୍ଥଳ (କାୟନିଷୀଦି) ନିକଟରେ ଖୋଦିତ ହୋଇଥିଲା । ଏଥିରେ ବା ଏହା ନିକଟର ଚତୁର୍ଦ୍ଦିଗରେ ଥିବା ଶ୍ରେଷ୍ଠ ଖଣିମାନଙ୍କରୁ ଖୋଦିତ ହୋଇଥିଲା । ଏଥିରେ ବା ଏହା ନିକଟର ଚତୁର୍ଦ୍ଦିଗରେ ଥିବା ଶ୍ରେଷ୍ଠ ଖଣିମାନଙ୍କରୁ ଖୋଦିତ ଲକ୍ଷ ଲକ୍ଷ ପଥର ଦ୍ୱାରା ଶିଳାସ୍ତମ୍ଭ ଓ ଚୈତ୍ୟ ସମୁହ ନିର୍ମାଣ କରିଥିଲେ । ନାନାଭରଣମଣ୍ଡିତ ତଳ ଓ ଛାତଥିବା ଏକ ବିଶାଳ ଗୃହରେ ୭୫ଲକ୍ଷ ମୁଦ୍ରା ବ୍ୟୟ କରି ବୈଦୁର୍ଯ୍ୟଚ୍ଛାଦିତ ସ୍ତମ୍ଭମାନ ସ୍ଥାପନ କରୁଥିଲେ । ଏକାନ୍ତର ଭାବରେ ବୈଦୁର୍ଯ୍ୟ ଓ ନୀଳ ଖଚିତ ଅର୍ଦ୍ଧଶତ ଚୈତ୍ୟଯଷ୍ଟି ବା ଛତ୍ରଯଷ୍ଟି ସ୍ଥାପନ କରିଥିଲେ ।

୧୬ - ସେ (ଖାରବେଳ) କ୍ଷେମରାଜ (ମଙ୍ଗଳକାରକ), ବର୍ଦ୍ଧରାଜ (ଦାନଶୀଳ) ଇନ୍ଦ୍ରରାଜ (ପରାକ୍ରମଶାଳୀ) ଧର୍ମରାଜ (ନ୍ୟାୟ ଓ ସତ୍ୟପାଳନ), ନିଜର ଦୃଷଟି, ଶ୍ରୁତି ଓ ଅନୁଭବ ସାହାଯ୍ୟରେ (ପ୍ରଜାମାନଙ୍କର) ବିବିଧ କଲ୍ୟାଣ ସର୍ବଦା କରିବାକୁ ଚେଷ୍ଟା କରୁଛନ୍ତି । ଖାରବେଳ ନାନାବିଧ ଗୁଣରେ ଭୂଷିତ ଅଟନ୍ତି । ସେ ସକଳ ଧର୍ମାବଲମ୍ବୀମାନଙ୍କର ପୂଜକ ଓ ଆଶ୍ରୟଦାତା, ସେ ଦେବମନ୍ଦିରମାନଙ୍କର ସଂସ୍କାରକାରକ ଅଟନ୍ତି । ସେ ଅପ୍ରତିହତ ଚକ୍ରବାହନ ବଳ ଚକ୍ରଧର ଗୁପ୍ତଚକ୍ର, ପ୍ରବର୍ତ୍ତଚକ୍ର, ରାଜର୍ଷିବଂଶକୂଳ ଜିନିସୃତ ମହାବିଜୟୀ ଅଟନ୍ତି ।

ହାତୀଗୁମ୍ଫା ଲେଖ (ଜୟସ୍ୱାଲଙ୍କ ପାଠ)

- ସଂସ୍କୃତାନୁବାଦ -

ପ୍ରଥମ ଧାଡ଼ି - ନମୋଽର୍ହଦ୍ଭ୍ୟଃ, ନମଃ ସର୍ବସିଦ୍ଧେଭ୍ୟଃ, ଏଲେନ ମହାରାଜେନ ମହାମେଘବାହନେନ ଚୈତ୍ରରାଜବଂଶ ବର୍ଦ୍ଧନେନ, ପ୍ରଶସ୍ତଶୁଭଲକ୍ଷଣେନ ଚତୁରଂତରସ୍ଥୁଣଗୁଣୋସହିତେନ, କଳିଙ୍ଗାଧିପତିନା ଶ୍ରୀ କ୍ଷାରବେଳେନ ।

ଦ୍ୱିତୀୟ ଧାଡ଼ି - ୫ଦଶବର୍ଷାଣି ଶ୍ରୀକଡ଼ାର ଶରୀରବତା କ୍ରୀଡ଼ିତାଃ କୁମାରକ୍ରୀଡ଼ାଃ । ତତୋ ଲେଖରୂପଗଣନା ବ୍ୟବହାର ବିଧି ବିଶାରଦେନ ସର୍ବବିଦ୍ୟାରଦାତେନ ନବବର୍ଷାଣି ଯୌବରାଜ୍ୟଂ ପ୍ରଶାସିତମ୍ । ସଂପୂର୍ଣ୍ଣ ଚତୁର୍ବିଂଶତି ବର୍ଷ ସ୍ତଦାନୀଂ ବର୍ଦ୍ଧମାନଶେଷ ଯୌବନାଭିବିଜୟସ୍ତୁତୀୟେ ।

ତୃତୀୟ ଧାଡ଼ି - କଳିଙ୍ଗ ରାଜବଂଶେ ପୁରୁଷଯୁଗାୟ ମହାରାଜ୍ୟାଭିଷେକଂ ପ୍ରାପ୍ନୋତି । ଅଭିଷିକ୍ତମାତ୍ରଶ୍ଚ ପ୍ରଥମେ ବର୍ଷେ ବାତବିହତଂ ଗୋପୁର ପ୍ରାକର ନିବେଶନଂ ପ୍ରତିସଂସ୍କାରୟତି କଳିଙ୍ଗନଗର୍ଯ୍ୟାଂ ଉଷିକାବିଲ୍ଲଂ ଇଷିତଲ୍ଲଂ ତଡ଼ାଗପାଲୀଶ୍ଚ ବନ୍ଧୟତି । ସର୍ବୋଦ୍ୟାନ ପ୍ରତିସଂସ୍ଥାପନ□ କାରୟତି ।

ଚତୁର୍ଥ ଧାଡ଼ି - ୫ତ୍ରିଂଶତ୍ ଶତସହସ୍ରୈଃ ପ୍ରକୃତୀଶ୍ଚ ରଞ୍ଜୟତି । ଦ୍ୱିତୀୟେ ଚ ବର୍ଷେ ଅଚିନ୍ତୟିତ୍ୱା ସାତକର୍ଣ୍ଣି ପଶ୍ଚିମ ଦେଶଂ ହୟ-ଗଜ-ନର-ବହୁତଂ ଦଣ୍ଡଂ ପ୍ରସ୍ଥାପୟତି । କୃଷ୍ଣବେଣାଂ ଗତୟା ଚ ସେନୟା ବିତାପୟତି ମୂଷିକନଗରଂ । ତୃତୀୟେ ପୁନବର୍ଷେ ।

୫ମ ଧାଡ଼ି - ଗନ୍ଧର୍ବବେଦବୁଧୋ ଦମ୍ପ-ନୃତ୍-ଗୀତ-ବାଦିତ୍ର-ସନ୍ଦର୍ଶନୈରୁତ୍ସବସମାଜ-କାରଣୈଶ୍ଚ କ୍ରୀଡ଼ାୟତି ନଗରୀଂ । ତଥା ଚତୁର୍ଥେ ବର୍ଷେ ବିଦ୍ୟାଧରାଧିବାସମ୍ ଅହତଂପୂର୍ବଂ କଳିଙ୍ଗ ପୂର୍ବରାଜନିବେଶିତଂ ବିତଥ ମୁକୁଟାନ୍ ସାର୍ଥିତ-ବିଲ୍ମାଂଶ୍ଚ ନିକ୍ଷିପ୍ତ ଛତ୍ର ଭୃଙ୍ଗାରାନ ।

ଷଷ୍ଠ ଧାଡ଼ି - ହୃଇ-ରନ୍ତ୍-ସ୍ୱାପତେୟାନ୍ ସର୍ବରାଷ୍ଟ୍ରିକ ଭୋଜକାନ୍ ପାଦାରଭିବାୟତେ । ୫ମେ ଚେଦାନୀଂ ବର୍ଷେ ନନ୍ଦରାଜେନ ତ୍ରିଶତ ବର୍ଷୀୟାମ୍ ଅବଘଟିତାଂ ତନସୁଲୀୟ ବାଟାତ୍ ପ୍ରଣାଳୀଂ ନଗରଂ ପ୍ରବେଶୟତି । ସୋ

(ପିଇ ବର୍ଷେ) ଷଷ୍ଟେଽଭିଷିକ୍ତସ୍ଚ ରାଜସ୍ୱୟଂ ସନ୍ଦର୍ଶୟନ୍ ସର୍ବକରପଣଂ ।

ସପ୍ତମ ଧାଡ଼ି - ଅନୁଗ୍ରହାନନେକାନ୍ ଶତସହସ୍ରଂ ବିସୃଜତି ପୌରାୟ ଜାନସଦାୟ । ସପ୍ତମଂ ଚ ବର୍ଷଂ ପ୍ରଶାସତୋ ବଜଗୃହବଦୀ ଧୃଷ୍ଟିଭିତ ଚାହିଣି ସନ୍ ମାତୃକପଦ-ପୂର୍ଣ୍ଣା ସକୁମାରା ଅଷ୍ଟମେ ଚ ବର୍ଷେ ମହତ୍ୟା ସେନୟା ମହା (ଭିତ୍ତିଂ) ଗୋରଥଗିରିଂ ।

ଅଷ୍ଟମ ଧାଡ଼ି - ଘାତୟିତ୍ୱା ରାଜଗୃହମୁପୀଡ଼ୟତି । ଏତେନ ଚ କର୍ମାବଦାନ ପ୍ରଣାଦେନ ସଂବୀତାଂ ସୈନ୍ୟବାହିନୀଂ ବିପ୍ରମୋକ୍ତଂ ମଥୁରାମପଯାତ ଏବ ନରେନ୍ଦ୍ରୋ (ନାମ) ମୋ ଯଚ୍ଛତି (ବିଚ୍ଛ)... ପଲ୍ଲବଭୃତାନି । ନବମେ ଚ ବର୍ଷେ ।

ନବମ ଧାଡ଼ି - କଳ୍ପବୃକ୍ଷାନ୍ ହୟଗଜରଥାନ୍ ସଯନ୍ତନ୍ତୃ ସର୍ବଗୃହବାସ ପରିବସନାନି ସାଗ୍ନିଷ୍ଠିକାନି ସର୍ବଗ୍ରହଣଂ ଚ କାରୟିତୁଂ ବ୍ରାହ୍ମଣାନାଂ ଜାତିପଙକ୍ତ୍ୟୈ ପରିହାର ଦଦାତି । ଅର୍ହତ... ନ ଗିୟା ।

ଦଶମ ଧାଡ଼ି - (କ)ମାନୈଃ ରାଜସନ୍ନିବାସଂ ମହାବିଜୟଂ ପ୍ରାସାଦଂ କାରୟତି ଅଷ୍ଟାତଂଶତା ଶତ-ସହସ୍ରୈଃ । ଦଶମେ ଚ ବର୍ଷେ ମହ-ତୃଥାଭିସମୟୋ ଭାରତବର୍ଷ ପ୍ରସ୍ଥାନଂ ମହୀଜୟନଂ ତି କାରୟତି .. (ନିରିତ୍ୟା) ଉଦ୍ୟାତାନାଂ ଚ ମଣିରତ୍ନାନି ସଲଭତେ ।

ଏକାଦଶ ଧାଡ଼ି - ଏକାଦଶେ ବର୍ଷେ ମଣ୍ଡେ ଚ ପୂର୍ବରାଜନିବେଶିତେ ପୃଥୁଦଗ୍ର ଦଲ୍‌ଭ ଲାଙ୍ଗତେ ନିଷ୍କାସୟତି ଜନପଦାଭାବନ□ ତ୍ରୟୋଦଶ ଶତ-ବର୍ଷୀୟସ୍ୟ କେତୁଭଦ୍ରସ୍ୟ ତିକ୍ତାମର-ଦେହ-ସଂଘାତମ୍ । ଦ୍ୱାଦଶେ ଚ ବର୍ଷେ ଭିଃ ବିତ୍ରାସୟତି ଉତ୍ରାପଥରାଜାନ୍ ।

ଦ୍ୱାଦଶ ଧାଡ଼ି - ମଗଧାନା□ ବିପୁଳଂ ଭୟଂ ଜନୟନ୍ ହସ୍ତିଷୁ ଗଙ୍ଗାୟା ପ୍ରାୟୟତି । ମାଗଧ□ ରାଜାନଂ ବୃହସ୍ପତିମିତ୍ର ପାଦାବଭିବାଦୟତେ । ନନ୍ଦରାଜନୀତଞ୍ଚ କାଳିଙ୍ଗଂ ଜିନ ସନ୍ନିବେଶଂ ଗୃହରତ୍ନାନଂ ପ୍ରତିହାରୈ ଅଙ୍ଗମାଗଧ ବସୁନି ଚ ନାୟୟତି ।

ତ୍ରୟୋଦଶ ଧାଡ଼ି - ତ ଜଠରୋଲ୍ଲିଖିତାନି ବରାଣି ଶିଖରାଣି ନିବେଶୟତି ଶତ-ବୈଶିକାନାଂ ପରିହାରେଣ, ଅଦ୍ଭୁତମାଶ୍ଚର୍ଯ୍ୟ□ ହସ୍ତିନାବଂ ପାରିପୁରମ୍ ଉପଦେୟଂ ହୟହସ୍ତି ରତ୍ନ ମାଣିକ୍ୟଂ ପାଣ୍ଡ୍ୟରାଜାତ୍ ଇତାଦୀ ମନେକାନି ମଣିମୁକ୍ତା ରତ୍ନାନି ଆହାରୟତି ଇହ ଶତଶଃ ।

ଚତୁର୍ଦ୍ଦଶ ଧାଡ଼ି - ସିନୋ ବଶୀକରୋତି । ତ୍ରେୟୋଦଶେ ଚ ବର୍ଷେ ସୁପ୍ରବୃତ୍ ବିଜୟୀ ଚକ୍ରେ କୁମାରୀ ପର୍ବତେଽର୍ହତେ ଯାପ-କ୍ଷେପ-ବ୍ୟସଦ୍‌ଭ୍ୟଃ କାୟିକନିଷୀଦ୍ୟାଂ ଯାପଜ୍ଞାକେଭ୍ୟଃ ରାଜ-ଭୃଟୀର୍ଣ୍ଣବ୍ରତାଃ ବ୍ୟବଶାସିତାଃ ପୂଜାଃ କୃତୋ ପାସାଃ କ୍ଷାରବେଳେନ ଶ୍ରୀମତୀ ଶ୍ରୀ ଜୀବଦେବ କଙ୍କ ରକ୍ଷିତାଃ ।

୧୫ଦଶ ଧାଡ଼ି - (ତା) ସୁକୃତଂ ଶ୍ରମଣେଭ୍ୟଃ ସୁବିହିଭ୍ୟୋଃ ଶାସ୍ତ୍ରଦୃଗ୍‌ଭ୍ୟଃ ଜ୍ଞାତୃଭ୍ୟଃ ସୁବିହିତେଭ୍ୟଃ ଶାସ୍ତ୍ରଦୃଗ୍‌ଭ୍ୟଃ ଜ୍ଞାତୃଭ୍ୟଃ ତପରଷିକ ସଂଘାୟନମ୍ ଅର୍ହନ୍ନିଷୀଦ୍ୟା ସମୀପେ ପ୍ରାଗ୍‌ଭାରେ ବରାକର୍‌ସମୁତ୍‌ଥାପିତାଭି ରନେକଯୋଜନାହୃତାଭିଃ ଶିଳାଭିଃ ସିଂହପ୍ରସ୍ଥୀୟାୟୈ ରାଜ୍ଞୌ ଧୃଷ୍ଟୌ ନିଃଶ୍ରୟାଣି ।

ଷୋଡ଼ଶ ଧାଡ଼ି - ପାଟଳିକାବଚତ୍ୱରେ ଚ ବୈଦୁର୍ଯ୍ୟଗର୍ଭାନ୍ ସ୍ତମ୍ଭାନ ପ୍ରତିଷ୍ଠାପୟତି ୧୫ସପ୍ତତ୍ୟା ଶତସହସ୍ରୈଃ । ମୁରିୟକାଳଂ ବ୍ୟବଚ୍ଛିନ୍ନ□ ଚତୁଃଷଷ୍ଟ୍ୟଗ୍ରଣତିକାନ୍ତରୀୟ ପୁପାଦାପୟତି । କ୍ଷେରାଜଃ ସ ବର୍ଦ୍ଧରାଜଃ ସ ଭିକ୍ଷୁରାଜୋ ଧର୍ମରାଜଃ ସଶ୍ରନ୍ ଶୃଣ୍ୱନ୍ ଅନୁଭବନ୍ କଲ୍ୟାଣାନି ।

ସପ୍ତଦଶ ଧାଡ଼ି - ଗୁଣବିଶେଷକୁଶଳଃ ସର୍ବପାଷଣ୍ଡ ପୂଜକଃ ସର୍ବଦେବାୟତନ ସଂସ୍କାରକରକଃ ଅପ୍ରତିହତ ଚକ୍ରିବାହିତନୀ ବଳଃ ଚକ୍ରଧୁରଃ ଗୁପ୍ତଚକ୍ରଃ ପ୍ରବୃତ୍ତଚକ୍ରୋ ରାଜର୍ଷିବଂଶକୁଳ ବିନିଃସୃତୋ ମହାବିଜୟୋ ରାଜା କ୍ଷାରବେଳ ଶ୍ରୀଃ ।

ଖାରବେଳଙ୍କ ରାଜତ୍ୱକାଳର ଅନ୍ୟ ଲେଖସମୂହ

ବୈକୁଣ୍ଠପୁର ବା ସ୍ୱର୍ଗପୁର ଗୁମ୍ଫାରେ ଥିବା ଖାରବେଳଙ୍କ ପାଟରାଣୀଙ୍କ ଲେଖ

ମୂଳ - ଅରହତଂ ପସାଦା (ନଂ) କାଳିଂଗାନଂ ସମନାନଂ ଲେଣଂ କାରିତଂ । ରାଜିନୋ ଲାଲାକସ ହଥିସୀହ ସଂପନାତସ ଧୁତୁନା କଳିଗଚକବିତିନୋ ସିରି ଖାରବେଳସ ଅଗ ମହିସନା କାରିତଂ ।

ସଂସ୍କୃତ - ଅର୍ହତ୍‌ସୁପ୍ରସନେଭ୍ୟଃ କାଳିଙ୍ଗେଭ୍ୟଃ ଶ୍ରମଣେଭ୍ୟଃ ଲୟନଂ କାରିତଂ । ରାଜ୍ଞୋ ଲାଲାକସ୍ୟ ହସ୍ତିସିଂହ ସମ୍ପନ୍ନାମ୍ନଃ ଦୁହିତ୍ରା କଳିଙ୍ଗଚକ୍ରବର୍ତ୍ତିନଃ ଶ୍ରୀ ଖାରବେଳସ୍ୟ ଅଗ୍ରମହିଷ୍ୟା କାରିତଂ ।

ଓଡ଼ିଆ ଅନୁବାଦ - କଳିଙ୍ଗବାସୀ ଅର୍ହତଭକ୍ତ ବା ଜୈନଧର୍ମାବଲମ୍ବୀ ଶ୍ରମଣମାନଙ୍କ ନିମାସ ନିମିତ୍ ସଂପନ୍ନାତ୍ମା ବା ପୁଣ୍ୟାତ୍ମା ଲାଲର୍କ ବା ବାଳାଦିତ୍ୟଙ୍କ ପରି ତେଜସ୍ୱୀ (କିମ୍ବା ଲାଲ ରାଜ୍ୟର ଅଧିପତି) ହସ୍ତିସିଂହ ବା ହସ୍ତିସାହିଙ୍କ କନ୍ୟା ଏବଂ କଳିଙ୍ଗ ଚକ୍ରବର୍ତ୍ତୀ ଶ୍ରୀ ଖାରବେଳଙ୍କ ଅଗ୍ରମହିଷୀ ବା ପାଟରାଣୀ ଏହି ଗୁମ୍ଫା (ଲେଣ) ଖୋଳାଇଥିଲେ ।

## (୨) ପାତାଳପୁର ବା ମ□ପୁର ଗୁମ୍ଫାରେ ଥିବା ଶ୍ରୀ କଦମ୍ବ ବା ଶ୍ରୀକୁଦେବଙ୍କ ଲେଖ

ମୂଳ - ଏରସ ମହରାଜସ କଂଳିଗାଧିପତିନୋ ମହାମେଘବାହନସ କଦଂପ ସୀରିନୋ (କୁଦେପ-ସିରିନୋ ଇତିବା) ଲେଣଂ ।

ସଂସ୍କୃତି - ଆର୍ଯ୍ୟସ୍ୟ ମହରାଜସ୍ୟ କଳିଙ୍ଗାଧିପତେ ର୍ମହାମେଘବାହନସ୍ୟ ଶ୍ରୀ କଦମ୍ବସ୍ୟ (ଶ୍ରୀ କୁଦେବସ୍ୟ ଇତି ବା) ଲୟନଂ ।

ଓଡ଼ିଆ ଅନୁବାଦ - ଆର୍ଯ୍ୟ ମହାରାଜ କଳିଙ୍ଗାଧିପତି ମହାମେଘବାହନ ଶ୍ରୀ କଦମ୍ବ ବା ଶ୍ରୀକୁଦେବ ଉକ୍ତ ଗୁମ୍ଫା ଖୋଳାଇଥବଲେ ।

(ଶ୍ରୀ କଦମ୍ବ, ଶ୍ରୀଖାରବେଳଙ୍କ ଜ୍ୟେଷ୍ଠପୁତ୍ର ଓ ଉତ୍ତରାଧିକାରୀ ଥିବାର ସ୍ଥିର କରାଯାଇଛି ।

## (୩) ଯମପୁର ଗୁମ୍ଫାରେ ଥିବା କୁମାର ବଡୁଖଙ୍କ ଲେଖ

ମୂଳ - କୁମାରୋ ବଡୁଖସ (ବରିଖସ ଇତି ବା) ଲେଣଂ ।

ସଂସ୍କୃତ - କୁମାର ବଡୁଖସ୍ୟ (ବରେକ୍ଷସ୍ୟ ଇତି ବା) ଲୟନଂ ।

ଓଡ଼ିଆ ଅନୁବାଦ - ରାଜକୁମାର ବଡୁଖ (କିମ୍ବା ବରେଷ) ଏହି ଗୁମ୍ଫା ଖୋଳାଇଥିଲେ ।

## (୪) ଛୋଟହାତୀଗୁମ୍ଫାରେ ଥିବା ବଡୁଖଙ୍କ ଲେଖ

ମୂଳ - ଖ ସ ଲେଣଂ ।

ସଂସ୍କୃତ - ସ୍ୟ ଲୟନଂ ।

ଓଡ଼ିଆ ଅନୁବାଦ - କୁମାର ବଡୁଖ ଏହି ଗୁମ୍ଫା ଖୋଳାଇଥବଲେ ।

## (୫) ସର୍ପ ଗୁମ୍ଫାଦ୍ୱାରା ଉପରେ ଥିବା ଚୂଳକମ୍ମଙ୍କ ଲେଖ

ମୂଳ - ଚୂଳକଂମସ କୋଠାଜେୟା ଚ (ପସାଦୋ)

ସଂସ୍କୃତ - କ୍ଷୁଦ୍ରକର୍ମସ୍ୟ କୋଷ୍ଠୋଜେୟଶ୍ଚ (ପ୍ରାସାଦଃ)

ଓଡ଼ିଆ ଅନୁବାଦ - କାରୁକାର୍ଯ୍ୟ ଖୋଦିତ ସ୍ତମ୍ଭଯୁକ୍ତ ବରଣ୍ଡାଶୋଭିତ ପ୍ରାସାଦପ୍ରତିମା ଏହି କୋଠାକୁ ଚୂଳକମ୍ମ (କ୍ଷୁଦ୍ରକର୍ମ) ନାମକ (ରାଜକର୍ମଚାରୀ) ତିଆରି କରାଇଥିଲେ ।

## (୬) ପାବନ ଗୁମ୍ଫା ବା ହରିଦାସ ଗୁମ୍ଫାରେ ଥିବା ଚୂଳକମ୍ମଙ୍କ ଲେଖ

ମୂଳ - ଚୂଳକଂମସ ପସାତୋ କୋଠାଜେୟା ଚ ।

ସଂସ୍କୃତ - କ୍ଷୁଦ୍ରକର୍ମସ୍ୟ ପ୍ରାସାଦଃ କୋଷ୍ଠଜେୟଶ୍ଚ ।

ଓଡ଼ିଆ ଅନୁବାଦ - ରାଜକର୍ମଚାରୀ ଚୂଳକମ୍ମ ବା କ୍ଷୁଦ୍ରକର୍ମ ରାଜପ୍ରାସାଦତୁଲ୍ୟ ବରଣ୍ଡାଯୁକ୍ତ ଏହି କୋଠା ତିଆରି କରାଇଥିଲେ ।

## (୭) ସର୍ପଗୁମ୍ଫା ପ୍ରବେଶ ଦ୍ୱାରା ବାମପାର୍ଶ୍ୱରେ ଥିବା କମ୍ମ ଓ ଖିଣାଙ୍କ ଲେଖ

ମୂଳ - କଂମସ କୋଠା ଚ ଖୀଣାୟ ଚ ପସାଦୋ

ସଂସ୍କୃତ - କର୍ମସ୍ୟ କୋଷ୍ଠଶ୍ଚ କ୍ଷୀଣାୟାଶ୍ଚ ପ୍ରାସାଦୋ ।

ଓଡ଼ିଆ ଅନୁବାଦ - କମ୍ମ ବା କର୍ମଙ୍କ ଦ୍ୱାରା ତିଆରି କରାଯାଇଥିବା କୋଠା ଓ କ୍ଷୀଣାଙ୍କ ଦ୍ୱାରା କାରିତ ପ୍ରାସାଦ (ପ୍ରାସାଦ କୁଲ୍ୟ ବରଣ୍ଡା) । (କର୍ମ ଓ କ୍ଷୀଣା ସ୍ୱାମୀ ଓ ସ୍ତ୍ରୀ ହୋଇଥିବାର ମନେହୁଏ) ।

## (୮) ବ୍ୟାଘ୍ରଗୁମ୍ଫାରେ ଥିବା ଭୂତିଙ୍କ ଲେଖ

ମୂଳ - ନଗର ଅଖଦଂସସ ଭୂତିନୋ ଲେଣଂ ।

ସଂସ୍କୃତ - ନଗର-ଅକ୍ଷଦର୍ଶସ୍ୟ ଭୂତେଃ ଲୟନଂ ।

ଓଡ଼ିଆ ଅନୁବାଦ - ନଗର ବିଚାରାଧ (ବୋଧୁହୁଏ କଳିଙ୍ଗ ନଗରର ବିଚାରପତି) ଭୂତି (ପାଠାନ୍ତର ସୁଭୂତି) ଉକ୍ତ ଗୁମ୍ଫା ଖୋଳାଇଥିଲେ ।

## (୯) ଜମ୍ଭେଶ୍ୱର (ଯମେଶ୍ୱର) ଗୁମ୍ଫାରେ ଥିବା ନାକିୟଙ୍କ ଲେଖ

ମୂଳ - ମହାମଦସ ବାରିୟାୟ (ଭାରିୟାୟ) ନାକିୟସ ଲେଣଂ ।

ସଂସ୍କୃତ - ମହାମାତ୍ରସ୍ୟ (ବହାମଦସ୍ୟଇତିବା) ବୀର୍ଯ୍ୟାୟାଃ (ଭାର୍ଯ୍ୟାୟାଃ) ନାକ୍ୟସ୍ୟ ଲୟନମ୍ ।

ଓଡ଼ିଆ ଅନୁବାଦ - ମହାମଦ ବା ମହାମାତ୍ର (କ୍ଷମତା ସମ୍ପନ୍ନ ରାଜକର୍ମଚାରୀ) ନାକିୟଙ୍କ ଭାର୍ଯ୍ୟା ବା ସ୍ତ୍ରୀ ଉକ୍ତ ଗୁମ୍ଫା ଖୋଳାଇଥିଲେ ।

## (୧୦) ଅନନ୍ତ ଗୁମ୍ଫାର ବାରଣ୍ଡା ଉପରେ ଥିବା ଲେଖ

ଅନନ୍ତ ଗୁମ୍ଫା, ଖଣ୍ଡଗିରିର ଗୁମ୍ଫାଗୁଡ଼ିକ ମଧରେ ପ୍ରାଚୀନତମ ଓ ସର୍ବଶ୍ରେଷ୍ଠ ।

ମୂଳ - ଶମଣାନଂ ଲେଣଂ ।

ସଂସ୍କୃତ - ଶ୍ରମଣନାଂ ଲୟନମ୍ ।

ଓଡ଼ିଆ ଅନୁବାଦ - (ବୋଧହୁଏ କଳିଙ୍ଗବାସୀ) ଶ୍ରମଣମାନଙ୍କ ନିମିତ୍ ଉକ୍ତ ଗୁମ୍ଫା ଖୋଳାଯାଇଥିଲା ।

## (୧୧) ଅନନ୍ତ ଗୁମ୍ଫା ନିକଟରେ ପାହାଡ଼ ଦେହରେ ଖୋଦିତ ଲେଖ

ମୂଳ - କୋଠାଜେୟା

ସଂସ୍କୃତ - କୋଷ୍ଠୋଃଜେୟଃ ।

ଓଡ଼ିଆା ଅନୁବାଦ - ବରଣ୍ଡାଯୁକ୍ତ ଏହି କୋଠାଗୁଡ଼ିକ (ନିର୍ମାତା ନାମ ଲିଭିଗଣାଣି)

## (୧୨) ତତ୍ୱ ଗୁମ୍ଫା ଲେଖ

ଏହା ଖଣ୍ଡଗିରିରେ ଥିବା ତତ୍ୱଗୁମ୍ଫା ଭିତରେ ପଛପାଖ କାନ୍ଥରେ ଖୋଦିତ ହୋଇଛି । ଏହାର ଅଧିକାଂଶ ଅକ୍ଷର ଲିଭିଗଲାଣି ।

ମୂଳ - ରୀପୁତିସ କୟା ।

ସଂସ୍କୃତ - ରୀପୁତ୍ରସ୍ୟ କଲ୍ୟା ।

## (୧୩) ତତ୍ୱଗୁମ୍ଫାର ଏକ ଦ୍ୱାର ଉପରେ ଖୋଦି ଲେଖ

ମୂଳ - ପାଦମୂଳିକସ କୁସମସ ଲେଣାନି ।

ସଂସ୍କୃତ - ପାଦମୂଳିକସ୍ୟ କୁସମୁସ୍ୟ ଲୟନାନି ।

ଓଡ଼ିଆ ଅନୁବାଦ - ରାଜପଦାଶ୍ରିତ କୁସମୁ ଏ ସମସ୍ତ ଗୁମ୍ଫା ଖୋଳାଇଥିଲେ ।

## (୧୪) ତତ୍ୱଗୁମ୍ଫାରେ ଖୋଦିତ ବ୍ରାହ୍ମୀ ବର୍ଣ୍ଣମାଳା

ତତ୍ୱଗୁମ୍ଫା ଭିତରେ ପଛପଟ କାନ୍ଥରେ ଛଅଧାଡି ବିଶିଷ୍ଟ ବ୍ରାହ୍ମୀ ବର୍ଣ୍ଣମାଳା ଖୋଦିତ ହୋଇଛି । ସେଗୁଡ଼ିକ ଏଠାରେ ଉଧାର କରିବା ଅନାବଶ୍ୟକ ।